## ତହସିଲ କାର୍ଯ୍ୟାଳୟ, ମାଛକୁଣ୍ଡ , ସ୍ଥାନ- ଲମତାପୁଟ

ପତ୍ର ସଂଖ୍ୟା- ୧୬୩

ତା ୨୧.୧.୧୮

## ଲଘୁ ଖଣିଜ ଉତ୍ସ ର ପାଞ୍ଚ ବର୍ଷିୟା ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାଛକୁଣ୍ଡ ତହସିଲ୍ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ଶୈରାତଉତ୍ସ ( ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦି ସୁତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (୨୦୧୮-୧୯ ଠାରୁ ୨୦୨୨-୨୩) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ ୨୧-୦୨-୧୮ ସମୟ ଅପରାହ୍ନ ୫.୦୦ ଘଣ୍ଟା ଅଟେ । ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବ୍ ସାଇଟ୍ www.koraput.nic.in ଅଧୀନରେ ଉପଲବ୍ଧ ଅଟେ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମାଛକୁଣ୍ଡ ତହସିଲଦାର, ଲମତାପୁଟଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ ।

୨୧-୦୧-୧୮
ତହସିଲଦାର, ମାଛକୁଣ୍ଡ

## ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ପର୍ଯ୍ୟାୟ

ନିଲାମ ସ୍ଥାନ- ତହସିଲଦାରଙ୍କ କାର୍ଯ୍ୟାଳୟ,ମାଛକୁଣ୍ଡ, ସ୍ଥାନ- ଲମତାପୁଟ

ଦରଖାସ୍ତ ଗ୍ରହଣର ଶେଷ ତାରିଖ- ୨୧-୦୨-୧୯

ନିଲାମ ତାରିଖ- ୧ମ ପର୍ଯ୍ୟାୟ- ୨୨-୦୨-୧୯

୨ୟ ପର୍ଯ୍ୟାୟ- ୨୭-୦୨-୧୯

୩ୟପର୍ଯ୍ୟାୟ- ୨୭-୦୨-୧୯

ପରିପତ୍ର ସଂଖ୍ୟା-

# ତହସିଲଦାରଙ୍କ କାର୍ଯ୍ୟାଳୟ, ମାଛକୁଣ୍ଡ , ସ୍ଥାନ- ଲମତାପୁଟ (ଜିଲ୍ଲା-କୋରାପୁଟ)

ପତ୍ର ସଂଖ୍ୟା- ୯୬୩ ତା ୨୧.୧.୧୯

## ଲଘୁ ଖଣିଜ ଲିଜ୍ ନିମନ୍ତେ

## ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍-୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ୍-୨୦୧୪,୨୦୧୬ ଅନୁଯାୟୀ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅଧିନସ୍ଥ ମାଛକୁଣ୍ଡ ତହସିଲ୍ ଅନ୍ତର୍ଗତ ନିମ୍ନ ବର୍ଣିତ ସଇରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ)ଗୁଡିକୁ ଅନ୍ୟୁନ ୫(ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୩) ଦୀର୍ଘ ମିଆଦି ଲିଜ୍ ସୂତ୍ରେନେବାକୁ ଇଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ୍-୨୦୧୬ ର ଫର୍ମ ୩ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ର ଯଥା ଟ.୧୦୦୦- (ଏକ ହଜାର ଟଙ୍କା)ର ଟ୍ରେଜରି ଚାଲାଣ (**Head of Account-0853-Non –Ferrous Minining and Metallurgical Industries 102-Mineral Concession Fees, Rents and Royalties** ଫେରସ୍ତ ଦିଆଯିବ ନାହିଁ ) ,ଦରଖାସ୍ତ ନିମନ୍ତେ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ, ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଲାଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ, ସଲଭେନ୍‌ସି ପ୍ରମାଣପତ୍ର ତଥା ଅସ୍ଥାବର ସମ୍ପତ୍ତିର ବିବରଣୀ, ଅନ୍ୟାନ୍ୟ ଆବଶ୍ୟକୀୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ରସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ସହ, ସଂଲଗ୍ନ ପୂର୍ବକ ଜଉମୁଦଦିଆ ଲଫାପାରେ ରେଜିଷ୍ଟ୍ରି ସ୍ପିଡ ପୋଷ୍ଟ ଯୋଗେ ସଂପୃକ୍ତ ତହସିଲ ଠିକଣାରେ ପଠାଇବେ କିମ୍ବା ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ପକାଇ ପାରିବେ । ଦରଖାସ୍ତରେ ଲିଜ ସୂତ୍ରେ ନେବକୁ ଇଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ (ଯଥା- ପଥର ପ୍ରତି ଘନ ମି. ପ୍ରତି ୧୩୦ ଟଙ୍କା) ଠାରୁ କମ୍ ଦର୍ଶାଇଲେ ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା୨୧ - ୧-୧୯ ସମୟ ଅପରାହ୍ନ ୫.୦୦ ଘଣ୍ଟା ଅଟେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ । ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବାପରେ ସଇରାଦ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଦରଖାସ୍ତ ଗୁଡିକୁ ଉପରିସ୍ଥ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା।୨୨-୦୨-୧୯ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃତ ଉତ୍ସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଯୋଗ୍ୟ ବିବେଚିତ ଦରଖାସ୍ତକାରି ୭ (ସାତ) ଦିନ ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀ ଦର୍ଶାଇଥିବା **EMD** ବ୍ୟାଙ୍କ ଡ୍ରାଫ୍‌ଟ କିମ୍ବା ନଗଦ ଟଙ୍କା ମାଧ୍ୟମରେ ଜମା ଦେବେ ଏବଂ ଧାର୍ଯ୍ୟ ସମୟ ସୀମା ମଧ୍ୟରେ **Mining Plan** ଏବଂ **Environment Clearance** .ଦାଖଲ କରିବେ । **Mining Plan** .ଟି **Form –ZB** ରେ ଭୂତତ୍ତ୍ୱବିତ, ଯୁଗ୍ମ ନିର୍ଦ୍ଦେଶକ, ଭୂତତ୍ତ୍ୱ ବିଭାଗ, କୋରାପୁଟ, ଖଣି ଅଧିକାରୀ, କୋରାପୁଟଙ୍କ ଅନୁମୋଦିତ ହେବା ଆବଶ୍ୟକ ତଥ୍ୟ ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ୧୫୩୩, ତା- ୧୪.୦୯.୨୦୦୬ ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ **Environment Clearance** ଅନୁମୋଦିତ ହୋଇଥିବା ବିଧେୟ । ପ୍ରାଧିକୃତ ଅଧିକାରୀ **Mining Plan** .ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଓ ଦରଖାସ୍ତରେ ଦେଇଥିବା ରୟାଲଟି ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହାପରେ ଲିଜଧାରୀ ନିଜ ଖର୍ଚ୍ଚରେ ଲିଜ **Agreement** ବା ଚୁକ୍ତି (ରେଜିଷ୍ଟ୍ରେସନ୍ ଆକଟ-୧୯୦୮ ଓ ଷ୍ଟାମ୍ପ ଆକଟ୍ ୧୮୯୯ ) ଅନୁଯାୟୀ ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନା ପୂର୍ବରୁ ମୂଲ୍ୟ ଜମା ନକରନ୍ତି , ତେବେ ତାଙ୍କର **EMD** ବ୍ୟାଜାପ୍ତ ହେବ । ଯଦି ସର୍ବାଧିକ ରୟାଲ୍‌ଟି ମୂଲ୍ୟ ଦର୍ଶାଇଥିବା ଉପରୋକ୍ତ ବ୍ୟକ୍ତି ସର୍ତ୍ତାବଳୀର ଖିଲାଫ୍ କରନ୍ତି, ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ଆବେଦନକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ । ସର୍ବାଧିକ ନିଲାମଧାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ **Mining Plan** ତଥା **Environment Clearance**.ଜମା କରି ନ ପାରିଲେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କ୍ଲିୟରାନ୍‌ସ୍ ନିମନ୍ତେ ପ୍ରମାଣ ସହ ସମୟ **Extention**.ପାଇଁ ଦରଖାସ୍ତ କରିବେ ଏବଂ ତାହାର **Acknowledgement** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ନେବେ ।

ଏହା ବ୍ୟତିତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ଏବଂ ୧୦ ପ୍ରତିଶତ ଜିଲ୍ଲା ଖଣିଜ ମୂଳଦୁଆ ଟ୍ରଷ୍ଟ (**DMFT**) ବାବଦକୁ ପୈଠ କରିବାକୁ ପଡିବ । ଧାରା-୨୮ ଅନୁଯାୟୀ ଲିଜଧାରୀଙ୍କୁ ପ୍ରତ୍ୟେକ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରୟାଲଟି **Compensatory aforestation**.(କ୍ଷତିପୂରକ ବନୀକରଣ) ନିମନ୍ତେ ଫି ଏବଂ **Surface Rent** ଦାଖଲ କରିବାକୁ ପଡିବ । ଲିଜଧାରୀ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/ **Additional Charges** .ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡିବ ।

ଆବଶ୍ୟକସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟି ବାବଦ ଜମାରାଶିକୁ ବ୍ୟାଜାପ୍ତି କରିବାର କ୍ଷମତାଧାରୀ ଅଧିକାରୀଙ୍କ ର ରହିବ ।

ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟର ୨% (ଶତକଡା ଦୁଇ ପ୍ରତିଶତ) ଆୟକର ବାବଦକୁ ଜମାକରିବେ ।

ନିଲାମଧାରୀ ନିର୍ଦ୍ଧାରିତ ସର୍ତ୍ତକୁ ବ୍ୟତିକ୍ରମ କରି ପଥର ଉତ୍ତୋଳନ କରିପାରିବେ ନାହିଁ ।

Contd.

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର କ୍ଷମତା ନିମ୍ନ ଅଧିକାରୀଙ୍କର ରହିଛି ।

ଆବେଦନକାରୀ ଲିଜଧାରୀ ବ୍ୟକ୍ତିମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଆଇନ ୨୦୦୪, ତଥା **OMMC (Ammendment Rule -**୨୦୧୬ ର ପରିସରଭୁକ୍ତ ରହିବେ । ଏଥି ସହିତ ସମ୍ପୃକ୍ତ ସମସ୍ତ ସବିଶେଷ ତଥ୍ୟ ଏବଂ ସର୍ତ୍ତାବଳୀ ଜିଲ୍ଲା ୱେବ୍ ସାଇଟ୍‌ରୁ ପାଇପାରିବେ । ଏଥି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଏବଂ ଆନ୍ୟାନ୍ୟ ନିୟମାବଳୀ ଜାଣିବାକୁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଛୁଟିଦିନ ବ୍ୟତିତ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

## ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁ ଖଣିଜ ଜାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ ନଂ | ରକବା (ଏକର ରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (**Per cum**) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|
| ୦୧ | ୦୧/୧୭-୧୮ | ପଥର ଖଣି | କମେଲ | ୩୬ | ୭୦ | ୦.୬୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୨ | ୦୨/୧୭-୧୮ | ପଥର ଖଣି | ମିସିଙ୍ଗପୁଟ | ୨୧ | ୯୫ | ୦.୫୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୩ | ୦୩/୧୭-୧୮ | ପଥର ଖଣି | ଧାଡି | ୩୮ | ୮୫ | ୦.୬୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୪ | ୦୪/୧୭-୧୮ | ପଥର ଖଣି | କଣ୍ଠା | ୬୪ | ୧୧୦ | ୧.୦୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୫ | ୦୫/୧୭-୧୮ | ପଥର ଖଣି | ବାଦିଗଡ | ୧୬୩ | ୪୩୧ | ୭.୪୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୬ | ୦୬/୧୭-୧୮ | ପଥର ଖଣି | ଚିକେନପୁଟ | ୧୪ | ୪ | ୪.୨୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୭ | ୦୭/ ୧୭-୧୮ | ପଥର ଖଣି | ମାଳିପେଟା-୦୧ | ୭୬ | ୦୧ | ୨.୫୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୮ | ୦୮/୧୮-୧୯ | ପଥର ଖଣି | ମାଳିପେଟା-୦୨ | ୭୬ | ୦୧ | ୧୦.୦୦ | ୧୩୦.୦୦ ଟଙ୍କା | ୬.୫୦ |
| ୦୯ | ୦୯/୧୮-୧୯ | ପଥର ଖଣି | ଖୁଗୁମ | ୯୩ | ୫୫୬ | ୬.୩୧ | ୧୩୦.୦୦ ଟଙ୍କା | ୬.୫୦ |

ତହସିଲଦାର, ମାଛକୁଣ୍ଡ